# ଶଙ୍ଖ ଚିହ୍ନ ପାଇଁ ଭୋଟ କର

- ନବୀନ ନିବାସରେ ପହଞ୍ଚିଲା ଅନୁଗୋଳ ଟିକେଟ୍ ଦାବି
- ବିଜେଡି ସମର୍ଥିତ ସରପଞ୍ଚମାନଙ୍କୁ ଡାକି ଆଲୋଚନା କଲେ ପାଣ୍ଡିଆନ
- ଦଳ ପ୍ରାର୍ଥୀ ଦେଲେ ତାଙ୍କ ପାଇଁ କାର୍ଯ୍ୟ କରିବାକୁ ଦିଆଗଲା ପରାମର୍ଶ

ଅନୁଗୋଳ,୧୩।୪ (ଅମିତ କୁମାର ସାମଲ)



ନବୀନ ନିବାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହିତ ଅନୁଗୋଳ ନିର୍ବାଚନମଣ୍ଡଳୀର ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧିମାନେ।

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ଇତିମଧ୍ୟରେ ଦଳ ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଥିଲେ ମଧ୍ୟ ଅନୁଗୋଳକୁ ଖୋଲାଇ ରଖାଯାଇଛି। ଫଳରେ ଦଳୀୟ ଟିକେଟ୍ ପାଇଁ ଲବି ଚଳାଇଥିବା ବିଧାୟକ ରଜନୀକାନ୍ତ ସିଂହ ଓ ଅନ୍ୟ ଆଶାୟୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ନିର୍ବାଚନମଣ୍ଡଳୀର ବିଜେଡି ସମର୍ଥିତ ବହୁ ପଞ୍ଚାୟତସ୍ତରୀୟ ନେତା ମେଳି କରି ତୁରନ୍ତ ଅନୁଗୋଳ ପାଇଁ ପ୍ରାର୍ଥୀ ଘୋଷଣା କରିବାକୁ ବାରମ୍ବାର ଦାବି କରୁଥିବାରୁ ଶନିବାର ଏହି ପ୍ରସଙ୍ଗ ନବୀନ ନିବାସରେ ପହଞ୍ଚିଛି। ବିଜେଡି ସମର୍ଥିତ ସମ୍ପୃକ୍ତ ସରପଞ୍ଚମାନଙ୍କୁ ନବୀନ ନିବାସ ଡାକି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଲୋଚନା କରିବା ସହ ଦଳ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବ ବୋଲି ବୁଝାଇ ଦେଇଛନ୍ତି। ଏଥିସହ ଦଳୀୟ ନିଷ୍ପତ୍ତିକୁ ଗ୍ରହଣ କରି ଶଙ୍ଖ ଚିହ୍ନ ପାଇଁ ଭୋଟ କରିବାକୁ ପରାମର୍ଶ ଦେଇଥିବା ସରପଞ୍ଚମାନେ ପ୍ରକାଶ କରିଛନ୍ତି।

ସରପଞ୍ଚମାନଙ୍କ କହିବା ଅନୁଯାୟୀ, ଶୁକ୍ରବାର ଶଙ୍ଖ ଭବନରୁ ଅନୁଗୋଳ ବିଧାନସଭା କ୍ଷେତ୍ରର ବିଜେଡି ସମର୍ଥିତ ସରପଞ୍ଚମାନଙ୍କ ନିକଟକୁ ଫୋନ୍ କଲ୍ ଆସିଥିଲା। ନିର୍ଦ୍ଦେଶ ଅନୁଯାୟୀ ସମ୍ପୃକ୍ତ ସରପଞ୍ଚମାନଙ୍କ ସହ ସ୍ଥାନୀୟ କେତେଜଣ ନେତା ଶନିବାର ଶଙ୍ଖ ଭବନରେ ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ ନବୀନ ନିବାସକୁ ୨ଟି ପର୍ଯ୍ୟାୟରେ ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୩୦ ଜଣ ଯାଇଥିବା ବେଳେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ସେମାନଙ୍କ ସହ ଆଲୋଚନା କରିଥିଲେ। ଦଳ କାହାକୁ ଟିକେଟ୍ ଦେବ, ତାହା ଜଣାନାହିଁ। ଦଳ ପ୍ରାର୍ଥୀ ଚୂଡ଼ାନ୍ତ କଲେ ତାଙ୍କ ପାଇଁ କାର୍ଯ୍ୟ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଯାଇଥିବା ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧିଙ୍କ ସହ ପାଣ୍ଡିଆନ ଆଲୋଚନା କରିଥିଲେ। ସେମାନଙ୍କୁ ବି ସମାନ କଥା କୁହାଯାଇଥିଲା। ଅନୁଗୋଳ ପାଇଁ ଥିବା ୩ ଜଣ ଆଶାୟୀ ନେତାଙ୍କ ମଧ୍ୟରୁ ଜଣଙ୍କୁ ଦଳ ପକ୍ଷରୁ ଟିକେଟ୍ ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ କେଉଁମାନେ ଆଶାୟୀ ରହିଛନ୍ତି, ସେମାନଙ୍କ ନାମ ଗୋପନ ରଖାଯାଇଥିଲା। ନବୀନ ନିବାସରେ ଆଲୋଚନା କରି ଫେରିଥିବା ସରପଞ୍ଚମାନେ ଏହି ସୂଚନା ଦେଇଥିଲେ ହେଁ ଅନୁଗୋଳର ପ୍ରାର୍ଥୀଙ୍କୁ ନେଇ ସେମାନେ ଏଯାଏ ଅନ୍ଧାରରେ ଥିବା ପ୍ରକାଶ କରିଛନ୍ତି।

## ଅବିନାଶ, ରୁଦ୍ର ପାଣିଙ୍କୁ ଟକ୍କର ଦେବେ ସସ୍ମିତା ବେହେରା

**ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀଙ୍କ ନାମ ଘୋଷଣା କଲା କଂଗ୍ରେସ**

ଢେଙ୍କାନାଳ,୧୩।୪(ରତନ ନାୟାର)



ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ସମ୍ପାଦିକା ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ସସ୍ମିତା ବେହେରାଙ୍କୁ କଂଗ୍ରେସ ଢେଙ୍କାନାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଏଆଇସିସିର କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ଢେଙ୍କାନାଳ ଲୋକ ସଭା ଆସନ ପାଇଁ ସସ୍ମିତାଙ୍କ ନାମ ଘୋଷଣା କରାଯାଇଛି ବୋଲି ଢେଙ୍କାନାଳ ଜିଲା କଂଗ୍ରେସ ସଭାପତି ସୁନୀଲ ଦାସ ସୂଚନା ପ୍ରଦାନ କରିଛନ୍ତି। କଂଗ୍ରେସ ଦଳ ପ୍ରାର୍ଥୀ ଘୋଷଣା କରିବା ପରେ ଢେଙ୍କାନାଳ ଲୋକ ସଭା ଆସନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସକୁ ନେଇ ଏବେ ରାଜନୀତି ସରଗରମ ହୋଇଛି। ପୂର୍ବରୁ ବିଜେଡି ଡା. ଅବିନାଶ ସାମଲଙ୍କୁ ଲୋକ ସଭା ପ୍ରାର୍ଥୀ କରିଥିବା ବେଳେ ଭାଜପା ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣିଙ୍କ ନାମ ଘୋଷଣା କରିଥିଲା। ତେଣୁ ବିଜେଡିର ଡା. ଅବିନାଶ ଓ ଭାଜପାର ରୁଦ୍ର ପାଣିଙ୍କୁ କଂଗ୍ରେସ ପ୍ରାର୍ଥୀ ସସ୍ମିତା କଡ଼ା ଟକ୍କର ଦେବେ ବୋଲି ଦଳ ପକ୍ଷରୁ କୁହାଯାଉଛି। ସୂଚନାଯୋଗ୍ୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରାଙ୍କ ଝିଅ ହେଉଛନ୍ତି ସସ୍ମିତା ବେହେରା। ସେ ଦୀର୍ଘବର୍ଷ ଧରି କଂଗ୍ରେସରୁ ରାଜନୀତି କରି ଆସୁଛନ୍ତି। ଏପରି କି ୨୦୦୨ ମସିହାରେ ତାଳଚେର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ କାର୍ଯ୍ୟ କରିଥିଲେ। ୨୦୦୭ରେ ଅନୁଗୋଳ ଜିଲା ପରିଷଦ ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୧୪ରେ କଂଗ୍ରେସ ତାଙ୍କୁ ତାଳଚେର ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରିଥିବା ବେଳେ ୨୦୧୯ରେ ଛେଣ୍ଡିପଦା ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ସେ ସାଧାରଣ ନିର୍ବାଚନ ଲଢ଼ିଥିଲେ।

## ନିର୍ବାଚନ ପ୍ରସ୍ତୁତି ସମୀକ୍ଷାକଲେ ଜିଲାପାଳ



ଆଠମଲ୍ଲିକ,୧୩।୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଦିନିକିଆ ଆଠମଲ୍ଲିକ ଗସ୍ତରେ ଆସି ଶୁକ୍ରବାର ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଠମଲ୍ଲିକ ସଦର ମହକୁମାଠାରୁ କିଆକଟା ପର୍ଯ୍ୟନ୍ତ ଥିବା ବୁଥ୍‌ଗୁଡ଼ିକ ବୁଲି ଦେଖିବା ସହିତ ସହରସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ହୋଇଥିବା ୩ଟି ବୁଥ୍ ବୁଲି ଦେଖିଥିଲେ। ସେହିପରି ଆଠମଲ୍ଲିକ କଲେଜ ପରିସରରେ ହୋଇଥିବା ଷ୍ଟ୍ରଙ୍ଗ ରୁମକୁ ଯାଇ ତଦାରଖ କରିବା ସହିତ ସ୍ଥାନୀୟ ଧର୍ମଶାଳାରେ ରହୁଥିବା ସିଆର୍‌ପିଏଫ୍ ଯବାନଙ୍କ କ୍ୟାମ୍ପ ପରିଦର୍ଶନ କରିଥିଲେ। ପରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲାପାଳ ଅଖତାରଙ୍କ ସହିତ ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଡ. ଜିତେନ୍ଦ୍ର କୁମାର ପାତ୍ର, ତହସିଲଦାର ଶ୍ୟାମସୁନ୍ଦର ସାହୁ, ବିଡିଓ ସୌଭାଗ୍ୟ ବେହେରା, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ନାଜର ନଗେନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଗୋଳ ଜିଲା କଂଗ୍ରେସର ନୂତନ କମିଟି

ଅନୁଗୋଳ,୧୩।୪
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଦାୟିତ୍ୱ ନେବା ପରେ ଜିଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା କଂଗ୍ରେସ କମିଟି ପୁନର୍ଗଠନ ଘୋଷଣା କରିଛନ୍ତି। ଘୋଷିତ ନୂତନ କମିଟିରେ ଉପସଭାପତି ଭାବେ ବିଦ୍ୟାଧର ସାମଲ, ଉମେଶ ଚନ୍ଦ୍ର ସାହୁ, ଦୁଷ୍ମନ୍ତ ଦଳବେହେରା, ବିନୋଦ ମାଝି, ସନତ କୁମାର ପ୍ରଧାନ, ଭଜନ ଦାସ, ଗୋବିନ୍ଦ ନାଏକ, କୁମୁଦ ବନ୍ଧୁ ଧର, ଚିତ୍ତରଞ୍ଜନ ନାଏକ, ଅଳକା ମହାନ୍ତି, କ୍ଷିରୋଦା ନାଏକ, ପରେଶ ଚନ୍ଦ୍ର ଜେନା, ଚିତ୍ତରଞ୍ଜନ ପ୍ରଧାନ, ଉତ୍ସବ ସାମଲ, ସହଦେବ ବେହେରା, ପଦ୍ମଲୋଚନ ମାଝି, ହରିଶ ଦେହୁରୀ, ସୁଦୀପ ମିଶ୍ର, ଜିତେନ୍ଦ୍ର କୁମାର ପ୍ରଧାନ, ରଞ୍ଜିତ ଗଡନାୟକ, ହିମାଂଶୁ ଧଳ ରହିଛନ୍ତି। କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପଦରେ ଗୋପୀନାଥ ସାହୁ, ତ୍ରିଲୋଚନ ସାହୁ, ଶୁଭେନ୍ଦୁ ବେଉରା, ବିପିନ ପାତ୍ର, ଦିବ୍ୟ ଲୋଚନ ସାହୁ, ପଦ୍ମିନୀ ନାଏକ, ସୁଦୀପ୍ତ ପ୍ରଧାନ, ଅଜିତ ପ୍ରଧାନ, ବଶିଷ୍ଠ ଦେହୁରୀ, ସୁକାନ୍ତୀ ନାଏକ, ପରେନ ପଟ୍ଟନାୟକ, ସୁକାନ୍ତ କୁମାର ପ୍ରଧାନ, ସୁଶାନ୍ତ କୁମାର ସାହୁ, ଅଜୟ କୁମାର ପ୍ରଧାନ, ଲୋକନାଥ ସାହୁ, ସର୍ବେକୃଷ୍ଣ ରାଉତ, ପ୍ରବଣ କୁମାର ସେଠୀ, ଆଦିକନ୍ଦ ସାମଲ, ସଞ୍ଜୟ କୁମାର ବିଶୋଇ, ହେମନ୍ତ ଦେହୁରୀ, ଉଦୟନାଥ ପ୍ରଧାନ, କୃତାର୍ଥ ଦେହୁରୀ ରହିଛନ୍ତି। ସମ୍ପାଦକ ଭାବେ ପ୍ରଦୀପ ମହାରଣା, ବଜରଙ୍ଗ ଅଗ୍ରୱାଲ, ହେମନ୍ତ ମହାଲିକ, ସଂଗ୍ରାମ ବେହେରା, ଶିଶିର କୁମାର ପାଳ, ନାରାୟଣ ଦେହୁରୀ, ଜୟନ୍ତ ପ୍ରଧାନ, ରଞ୍ଜନ ଦେହୁରୀ, କନ୍ହୁ ଦେହୁରୀ, ମନୋଜ କୁମାର ପ୍ରଧାନ, ମିହିର କୁମାର ପାଳ, ଦେବବ୍ରତ ପ୍ରଧାନ, ନିର୍ମଳ କୁମାର ସାହୁ, ଡମ୍ବରୁ ଅମାନ୍ତ, ମହେଶ୍ୱର ପ୍ରଧାନ, ରବିନାରାୟଣ ପଟ୍ଟନାୟକ, ଦୀପକ ରଞ୍ଜନ ପ୍ରଧାନ, ଆଲୋକ କୁମାର ଦେହୁରୀ, ଚୌଧୁରୀ ନାଏକ, ପୂର୍ଣ୍ଣ ନାଏକ, ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ଏତଦବ୍ୟତୀତ ୩୪ ଜଣ କଂଗ୍ରେସ ନେତାଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ନୂତନ କମିଟିକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ଅତିଶୀଘ୍ର ଏକ କାର୍ଯ୍ୟକାରିଣୀ ବୈଠକରେ ସମସ୍ତ ନବ ନିଯୁକ୍ତ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ଜିଲା କଂଗ୍ରେସକୁ କ୍ରିୟାଶୀଳ କରାଯିବ। ନୂତନ କମିଟିକୁ ନେଇ ଅନୁଗୋଳ ଜିଲା କଂଗ୍ରେସ ଆଗାମୀ ନିର୍ବାଚନକୁ ସୁସଙ୍ଗଠିତ ଢଙ୍ଗରେ ପରିଚାଳନା କରିବା ସହ କଂଗ୍ରେସ ଦଳ ଜିଲାରେ ବିଜୟୀ ହୋଇ ନିଶ୍ଚିତ ରାଜ୍ୟ ଓ କେନ୍ଦ୍ରରେ ସରକାର ଗଠନ କରିବ ବୋଲି ଜିଲା ସଭାପତି ଅମ୍ବିକା ଭଞ୍ଜ ଦୃଢ଼ତା ପ୍ରକାଶ କରିଛନ୍ତି। ଏ ନେଇ ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## ହାତୀ ଉପଦ୍ରବରେ ଗ୍ରାମବାସୀ ଅତିଷ୍ଠ



ବଅଁରପାଳ/ ଅନୁଗୋଳ, ୧୩।୪
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକରେ ହାତୀ ଉପଦ୍ରବ ଲାଗି ରହିଛି। ଗତ ୮ ଦିନ ହେଲା ବ୍ଲକର କୁଲାଡ଼, ବନ୍ଧା, ତୁଳସୀପାଳ, ଗାଡ଼ରଖାଇ, ଝଜିରୀ ଆଦି ଗ୍ରାମରେ ୪୫ ଟିକିଆ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଦିନରେ ଆମ୍ବ ବଗିଚା ଓ ଘଞ୍ଚ ଜଙ୍ଗଲିଆ ସ୍ଥାନରେ ଗୋଠ କରି ରହୁଥିବାବେଳେ ରାତି ହେଲେ ବିଭିନ୍ନ ଗ୍ରାମରେ ପଶି ବ୍ୟାପକ ଫସଲ, ପନିପରିବା, ଆମ୍ବ, ପଣସ, କଦଳୀ, ନଡ଼ିଆ ଗଛ ଆଦି ଭାଙ୍ଗି ନଷ୍ଟ କରିଦେଉଛନ୍ତି। ସନ୍ଧ୍ୟା ହେଲେ ଏସବୁ ଗ୍ରାମରେ ହାତୀ ଭୟରେ ଲୋକେ ଘରୁ ବାହାରୁ ନାହାନ୍ତି। ଏସବୁ ଗ୍ରାମର ଯୁବଗୋଷ୍ଠୀ ପ୍ରାୟତ ଶିଳ୍ପାଞ୍ଚଳରେ ଶ୍ରମିକ ହିସାବରେ କାର୍ଯ୍ୟ କରୁଥିବାରୁ ସେମାନେ ରାତିରେ କିମ୍ବା ଭୋର ସମୟରେ ଯିବାଆସିବା ପାଇଁ ଭୟ କରୁଛନ୍ତି। ତୁରନ୍ତ ଏହି ଅଞ୍ଚଳରୁ ହାତୀପଲଙ୍କୁ ଘଉଡେଇବା ପାଇଁ ଦାବି ହେଉଛି।

## ଅଭିଭାବକ ଭୋଟ ଦେବାକୁ ଚିଠି ଲେଖିଲେ ଛାତ୍ରୀଛାତ୍ର




ଆଠମଲ୍ଲିକ,୧୩।୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲାରେ ଆସନ୍ତା ମେ ୨୫ରେ ଭୋଟଗ୍ରହଣ ହେବାକୁ ଥିବାବେଳେ ଭୋଟ ହାର ବୃଦ୍ଧି କରିବାକୁ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପ୍ରଶାସନ ତରଫରୁ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, ସହକାରୀ ଜିଲାପାଳ ତନ୍ମୟ ପାତ୍ର, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଷ୍ଟେନୋ ସୌମ୍ୟ ରଞ୍ଜନ ନାହାକ ପ୍ରମୁଖ ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ସଚେତନତା ପାଇଁ ଯାଇଥିଲେ। ନବମ ଶ୍ରେଣୀର ୧୮୦ ଜଣ ଛାତ୍ରୀଛାତ୍ରଙ୍କୁ ନିର୍ବାଚନ ସମ୍ବନ୍ଧୀୟ କିଛି ସୂଚନା ଦେବା ସହିତ ମେ ୨୫ ସାଧାରଣ ନିର୍ବାଚନରେ ଅଭିଭାବକମାନେ ଭୋଟ ଦେବା ପାଇଁ ଚିଠି ଲେଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସମସ୍ତ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କୁ ଚିଠି ଲେଖି ନିର୍ବାଚନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସମସ୍ତ ଚିଠି ସଂଗ୍ରହ କରାଯାଇ ପ୍ରଶାସନ ତରଫରୁ ଅଭିଭାବକଙ୍କ ନିକଟକୁ ଡାକ ଦ୍ୱାରା ପଠାଯାଇଥିବା ଜଣାପଡିଛି। ଏ ସମସ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ, ଶିକ୍ଷକ ପ୍ରଦୀପ କୁମାର ସେଠୀ, ଆଦିତ୍ୟ କୁମାର ସାହୁ, ଶିକ୍ଷୟିତ୍ରୀ ଅନିତା ବାରିକ, ସ୍ୱାଗତିକା ସାହୁ, ବିନୋଦିନୀ ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସୁସୁଡ଼ାରେ ଆଜି ମେରୁଯାତ୍ରା

ଅନୁଗୋଳ,୧୩।୪
(ଅମିତ କୁମାର ସାମଲ)



ଚୈତ୍ର ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ରବିବାର ଅନୁଗୋଳ ସୁସୁଡା ସୋମନାଥପୁର ଠାରେ ମେରୁଯାତ୍ରା ଅନୁଷ୍ଠିତ ହେବ। ୧୩ ଦିନର ଦଣ୍ଡ ଯାତ୍ରା ପରେ ଅନ୍ତିମ ଦିବସରେ ଏହି ମେରୁଯାତ୍ରା ପାଳନ କରାଯାଇଥାଏ। ଅପରାହ୍ନ ସମୟରେ ଧୂଳି ଦଣ୍ଡ ଓ ବାଲୁଙ୍କୁ ପୂଜା ଅନୁଷ୍ଠିତ ହୋଇଥାଏ। ପରେ ମା'ଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ। ସନ୍ଧ୍ୟାରେ ମା'ଙ୍କ ମାଜଣା କରାଯାଇ ଆବାହନ କରାଯାଇଥାଏ। ମା' କାଳିଶୀ ରୂପରେ ଭକ୍ତଙ୍କ ମନସ୍କାମନା ପୂରଣ କରିଥାନ୍ତି ବୋଲି ଲୋକମତ ରହିଆସିଛି। ପରେ ୩୩ କୋଟି ଦେବଦେବୀଙ୍କ ଉଦ୍ଦେଶ୍ୟରେ ହୋମକର୍ମ ସହ ରାତିରେ ଦଣ୍ଡନୃତ୍ୟ ସମାପନ ପରେ ଏହି ଯାତ୍ର ଶେଷ ହେବ।

## ବିଜେଡିର ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ

କଣିହାଁ,୧୩।୪(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସୁଲେଇପାଳ ଆମ୍ବତୋଟାଠାରେ ବିଜେଡିର ୧୦ନଂ. ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଜେଡି ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ଡ. ଅବିନାଶ ସାମଲ, ପାଲଲହଡା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ, ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ କୁଳବିହାରୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟା ରଶ୍ମିତା ବେହେରା, କଣିହାଁ ବ୍ଲକ ବିଜେଡି ସଭାପତି କୈଳାଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ପାଲଲହଡା ନିର୍ବାଚନ ମଣ୍ଡଳୀ ଯୁବସଭାପତି ସୁବାସ ମହାନ୍ତି, କଣିହାଁ ବ୍ଲକ ବିଜେଡି ଉପସଭାପତି ଦଣ୍ଡଧର ବିଶ୍ୱାଳ, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ଜିଲା ସମ୍ପାଦକ ଝସକେତନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପା ଓ କଂଗ୍ରେସର ୨୦୦ରୁ ଅଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି କିଭଳି ଭାବେ ଅଧିକରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବ ତାହାକୁ ନେଇ ଉପସ୍ଥିତ ବରିଷ୍ଠ କାର୍ଯ୍ୟକର୍ତ୍ତା କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି କୃପାସିନ୍ଧୁ ସାହୁ, ରାମଚନ୍ଦ୍ର ସାହୁ, ପର୍ଶୁରାମ ବିଶ୍ୱାଳ, ଅବନୀକାନ୍ତ ଦେହୁରୀ, ବିଷ୍ଣୁଚରଣ ସାହୁ, ସତ୍ୟାନନ୍ଦ ଗଡ଼ନାୟକ, ଜିଲା ଯୁବ ସମ୍ପାଦକ ପ୍ରଦୀପ ସାମଲ, ଧର୍ମେନ୍ଦ୍ର ସାମଲ, ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ପ୍ରମୁଖ ଯୋଗ ଦେଇଥିଲେ।



# ଭାଜପାରେ ମିଶିଲେ ଯୁବ ଉଦ୍ୟୋଗୀ, ସରପଞ୍ଚ






କଣିହାଁ,୧୩।୪(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ଭାଜପା ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣ ଯୋଜନା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆସ୍ଥା ଭାଜନ କରି ରେଙ୍ଗାଳି ଅଞ୍ଚଳର ଯୁବଉଦ୍ୟୋଗୀ ଭରତ ସାହୁ ଭାଜପାରେ ଯୋଗଦାନ କରିଛନ୍ତି। ତାଙ୍କୁ ଉତ୍ତରୀୟ ଦେଇ ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ, ଜିଲା ଉପସଭାପତି ନୃସିଂହ ବରାଳ, ଶକ୍ତି କେନ୍ଦ୍ର ପ୍ରମୁଖ ନିଶାକର ପ୍ରଧାନ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି, ରାଜ୍ୟଉପସଭାପତି ଗୋଲକ ମହାପାତ୍ର, ଅନୁଗୋଳ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ପ୍ରଧାନ, ସୁମନ୍ତ ପ୍ରଧାନଙ୍କ ଉପସ୍ଥିତିରେ କଣିହାଁ ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରାଙ୍କ ସହିତ ବିରୁ ସରପଞ୍ଚ ଧରଣୀଧର ବେହେରା ବିଧିବଦ୍ଧ ଭାବେ ଭାଜପାରେ ଯୋଗଦାନ କରିଥିଲେ।

# ଭାଜପାରେ ମିଶିଲେ ହର୍ଷବର୍ଦ୍ଧନ, ରୀନା ବେହେରା

## ୧୦ ଦିନ ପରେ ଦଳକୁ ଫେରିଲେ ନିରୋଜ ନଳିନୀ

ଢେଙ୍କାନାଳ,୧୩।୪(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ଶନିବାର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡିରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ତଥା ରାଜ ପରିବାରର ସଦସ୍ୟ ହର୍ଷବର୍ଦ୍ଧନ ସିଂହଦେଓ ଏବଂ ହିନ୍ଦୋଳ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷା ରୀନା ବେହେରା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଥିଲେ। ସେହିପରି ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଘୋଷିତ ହୋଇଥିବା ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରି ଗତ ୩ ତାରିଖରେ ଦଳ ଛାଡିଥିବା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିରୋଜ ନଳିନୀ ମହାଳିକ ଓ ଜିଲା ସମ୍ପାଦିକା ଅନିତା ଦାସ ପୁଣି ଦଳରେ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ହର୍ଷବର୍ଦ୍ଧନ ନିଜ ସମର୍ଥକମାନଙ୍କୁ ନେଇ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଆସି ଭାଜପା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ


ଭାଜପା ମିଶ୍ରଣ ପର୍ବରେ ବିଜେଡି ଛାଡ଼ିଥିବା ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଉଛନ୍ତି।

ସହିତ ରଣବୀର ସିଂହ ଓ ସୁଦର୍ଶନ ଦାସ ଏବଂ ବହୁ ସମର୍ଥକ ଶୋଭାଯାତ୍ରାରେ ଆସି ଭାଜପାରେ ଯୋଗ ଦେଇଥିଲେ। ସେହିପରି ପାଲଲହଡା ବ୍ଲକ ବୁରୁକୁମା ପଞ୍ଚାୟତର ସରପଞ୍ଚ ଦୁଃଖବନ୍ଧୁ ବେହେରା ମଧ୍ୟ ଭାଜପାରେ ସାମିଲ ହୋଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ବିଜେଡି ଛାଡ଼ିଥିବା ହର୍ଷବର୍ଦ୍ଧନଙ୍କ ନେତୃତ୍ୱରେ ଅନେକ ସାମାଜିକ ନେତୃତ୍ୱ ଭାଜପାରେ ଯୋଗ ଦେଇଛନ୍ତି। ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବା ସହିତ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଆଣିବାକୁ ଏହି ନେତୃବୃନ୍ଦ ଭାଜପାରେ ସାମିଲ ହୋଇଥିବାରୁ ସମସ୍ତଙ୍କୁ ସ୍ୱାଗତ କରାଯାଉଛି। ଆଗାମୀ ନିର୍ବାଚନରେ ସମସ୍ତେ ପରିବର୍ତ୍ତନ ପାଇଁ ସକ୍ରିୟତାର ସହ କାମ କରିବେ ବୋଲି ବିଶ୍ୱାସ ରହିଛି। ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଲୋକ ସଭା ପ୍ରଭାରୀ ଗୋଲକ ମହାପାତ୍ର, ଭାଜପାର ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ରାଜ୍ୟ ସଙ୍ଗଠନର ସୀମାଞ୍ଚଳ ଖଟେଇ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଓ ଅଞ୍ଜଳି ବେହେରା, ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳୀୟ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ପାଇଁ ଦଳୀୟ ପ୍ରାର୍ଥୀ ଶତ୍ରୁଘ୍ନ ଜେନା, ପରଜଙ୍ଗ ନିର୍ବାଚନ ମଣ୍ଡଳୀ ପାଇଁ ଦଳୀୟ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ବିଧାୟକ ନବୀନ ନନ୍ଦ, ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ପ୍ରତାପ ପ୍ରଧାନ, ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଅକ୍ଷୟ କୁମାର ମହାନ୍ତି, ସରୋଜ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ମିଶ୍ରଣପର୍ବ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ବାସଭବନକୁ ଯାଇ ନନ୍ଦଙ୍କ ସମେତ ନିରୋଜ ନଳିନୀ ମହାଳିକଙ୍କ ସହ ଆଲୋଚନା କରିଥିଲେ।

# ନବୀନ ନନ୍ଦଙ୍କୁ କାମାକ୍ଷାନଗର ଦାୟିତ୍ୱ

ଢେଙ୍କାନାଳ,୧୩।୪(ରତନ ନାୟାର)

ନିକଟରେ ଭାଜପାରେ ଯୋଗ ଦେଇଥିବା ଢେଙ୍କାନାଳର ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କୁ ଭାଜପା ପକ୍ଷରୁ ନିର୍ବାଚନ ପରିଚାଳନା ନିମନ୍ତେ କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ଏଥିସହିତ ତାଙ୍କୁ ଢେଙ୍କାନାଳ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଥିବା ନନ୍ଦ ଶନିବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ସହରର କୁଞ୍ଜକାନ୍ତସ୍ଥିତ ତାଙ୍କ ବାସଭବନକୁ ଆସି ସେଠାରେ ତାଙ୍କ ସହିତ ଆଲୋଚନା କରିବା ପରେ ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ସେ ସୂଚନା ଦେଇଛନ୍ତି। ଢେଙ୍କାନାଳ ବିଧାନସଭା ପାଇଁ ଦଳର ପ୍ରାର୍ଥୀ ଘୋଷଣା ହେବା ପରେ ଏଥିରେ ପୂର୍ବତନ ବିଧାୟକ ନନ୍ଦ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏହାର ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ତାଙ୍କ ସହିତ ଆଲୋଚନା କରି ଘଟଣାର ସମାଧାନ କରିଥିଲେ।

# ରୀନା ବେହେରାଙ୍କୁ ନେଇ ହିନ୍ଦୋଳରେ ଚର୍ଚ୍ଚା

ହିନ୍ଦୋଳ,୧୩।୪ (ବ୍ରହ୍ମାନନ୍ଦ ପଟ୍ଟନାୟକ)



ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷା ରୀନା ବେହେରା ବିଜେଡି ଛାଡ଼ି ଶନିବାର ଭାଜପାରେ ଯୋଗ ଦେଇଛନ୍ତି। ଢେଙ୍କାନାଳଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ରୀନା ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ୨୦୧୩ ଏନ୍‌ଏସି ନିର୍ବାଚନରେ ପରାସ୍ତ ହୋଇଥିବା ବିଜେଡି ପ୍ରାର୍ଥୀ ରୀନା ୨୦୧୮ ନିର୍ବାଚନରେ ବିଜୟୀ ହୋଇ ଏନ୍‌ଏସି ଅଧ୍ୟକ୍ଷା ହୋଇଥିଲେ। ହେଲେ ୨୦୨୨ ମସିହାରେ ଅନାସ୍ଥା ଭୋଟରେ ସେ ହାରି ପଦବୀ ହରାଇଥିଲେ। ଏହାପରଠାରୁ ସେ ହିନ୍ଦୋଳ ବିଧାନସଭା ଆସନ ପାଇଁ ବିଜେଡି ଟିକେଟ ଲବିରେ ରହିଥିଲେ। ହେଲେ ରବିବାର ସେ ଅଚାନକ ଭାଜପାରେ ସାମିଲ ହେବା ପରେ ତାଙ୍କୁ ନେଇ ହିନ୍ଦୋଳ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ସେ ଭାଜପାରୁ ହିନ୍ଦୋଳ ଟିକେଟ ପାଇଁ ଆଶାବାଦୀ ଥିବା ତାଙ୍କ ସମର୍ଥକମାନେ ଆଲୋଚନା କରୁଛନ୍ତି।

# କାର୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ



କାର୍ ସହ ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ଢେଙ୍କାନାଳ,୧୩।୪(ରତନ ନାୟାର)

ଢେଙ୍କାନାଳ–କପିଳାସ ରାସ୍ତାର ସଦର ଥାନା କୁକୁଡାଝର ଖମାର ନିକଟସ୍ଥ ଓଶୋ ନଗରଠାରୁ ଶନିବାର ଜିଲା ଅବକାରୀ ବିଭାଗ ଚଢ଼ାଉ କରି ୮୦ କେଜି ଗଞ୍ଜେଇ ସହ ଏକ କାର୍ (ନଂ. ଓଆର୧୯–ଜେ–୮୪୮୨) ଜବତ କରିଛି। କୌଣସି ସୂତ୍ରରୁ ଖବର ପାଇବା ପରେ ଅବକାରୀ ଅଧୀକ୍ଷକ ଦାୟିତ୍ୱରେ ଥିବା ସୀତାରାଣୀ ପଟାୟତ, ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ଇନ୍ସପେକ୍ଟର ଶତିକା ବେସନ, ସଦର ଅବକାରୀ ବିଭାଗ ଇନ୍ସପେକ୍ଟର ନରେନ୍ଦ୍ର ପ୍ରଧାନ, ଏସ୍‌ଆଇ ପୁରୁଷୋତ୍ତମ ମିଶ୍ର, ଏଏସ୍‌ଆଇ ଛାୟାକାନ୍ତ ନାୟକ ଓ ସମୀର କୁମାର ମହାଳିକ ପ୍ରମୁଖ କର୍ମଚାରୀମାନଙ୍କ ସହ କାରଟିକୁ ଗୋଡ଼ାଇ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଭାଜପାର ମିଶ୍ରଣ ପର୍ବ



କାମାକ୍ଷାନଗର,୧୩।୪(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡାହାଡ଼ ବ୍ଲକ କରଗୋଳା ପଞ୍ଚାୟତ ୱାର୍ଡ ନଂ. ୬ ସଦସ୍ୟ ଜୟ କବି ଓ ଧୀରେନ ମହାକୁଡ଼ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନଙ୍କ ଉପସ୍ଥିତରେ ସେମାନେ ଭାଜପାରେ ଯୋଗ ଦେଇଥିଲେ। ତାଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ଦଳକୁ ସ୍ୱାଗତ କରାଯାଇଥିଲା। ଏହି ମିଶ୍ରଣ ପର୍ବରେ କଙ୍କଡାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଉପସ୍ଥିତ ଥିଲେ।

# ଢେଙ୍କାନାଳ ଜିଲା କଂଗ୍ରେସ କମିଟି ଘୋଷିତ

ଢେଙ୍କାନାଳ,୧୩।୪(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତାଙ୍କ ନାମ ତାଲିକା ପିସିସି ପକ୍ଷରୁ ଅନୁମୋଦନ ପରେ ଶନିବାର ଘୋଷଣା କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ଗଠିତ ଜିଲା କମିଟିରେ ବିଭିନ୍ନ ଦାୟିତ୍ୱରେ ରହିଥିବା ସଦସ୍ୟମାନଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଉପସଭାପତି ଭାବ ବେଣୁଧର ସାହୁ, ସୁବାସ ଚନ୍ଦ୍ର ପାଲ୍, ବିପ୍ରବର ସାହୁ, ଉମ୍ବରୁଧର ସେଠୀ ଏବଂ ଛବିରାଜ ବିଶ୍ୱାଳ, ଶରତ ଚନ୍ଦ୍ର ନାୟକ, ଜିତେନ୍ଦ୍ର ସାହୁ, ବିଜୟାନନ୍ଦ ପଣ୍ଡା, ଚଇତାଳି ପଟ୍ଟନାୟକ ଏବଂ ସଂଗ୍ରାମ କେଶରୀ ପାଣିଙ୍କୁ ନିଯୁକ୍ତ କରାଯାଇଛି। କୋଷାଧ୍ୟକ୍ଷ ଭାବରେ ରୁଦ୍ର ପ୍ରକାଶ ଶରଣ, ସାଧାରଣ ସମ୍ପାଦକ ଭାବରେ ପ୍ରଭୁଦତ ଭଞ୍ଜ, ଆଶୁତୋଷ ସ୍ୱାଇଁ, ଦ୍ୱିତିକୃଷ୍ଣ ବରାଳ, ନିରାକାର ସାହୁ, ମହମ୍ମଦ ଆର୍ଶାଦ, ଅଶୋକ କୁମାର ମଲ୍ଲିକ, ମହମ୍ମଦ ସମୀର, ଗୋବର୍ଦ୍ଧନ ଶେଖର ନାଏକ, ମନୋଜ ଅଗ୍ରୱାଲ, ନଗେନ ବିନାୟକ ଏବଂ ଟଙ୍କଧର ବେହେରା, ସମ୍ପାଦକ ଭାବରେ ଅଜିତାନନ୍ଦ ବିହାରୀ, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ଫକୀର ଚନ୍ଦ୍ର ବେହେରା, ମାନସ କୁମାର ତ୍ରିପାଠୀ, ପ୍ରତାପ କୁମାର ମହାନ୍ତି, ଦୟାସାଗର ଦାସ, ଗୁରୁଚରଣ ହାତୀ, ଅଜୟ କୁମାର ସାହୁ, କାମାକ୍ଷା ପ୍ରସାଦ ପଣ୍ଡା, ଚନ୍ଦ୍ରମଣି ନାଥ, ଉପମା ଖଟୁଆ, ଅଜିତ ମହାରଣା, ବିଷ୍ଣୁ ସାହୁ, ହୃଦୟାନନ୍ଦ ମହାନ୍ତି, ପ୍ରମୋଦ ମହାପାତ୍ର ଏବଂ ପ୍ରଭାସ ମିଶ୍ର ସ୍ଥାନ ପାଇଛନ୍ତି। ଜିଲା କଂଗ୍ରେସ କାର୍ଯ୍ୟକାରିଣୀରେ ବ୍ରିଗେଡିୟର୍ ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ପ୍ରଫୁଲ୍ଲ କୁମାର ଭଞ୍ଜ, ମହେଶ୍ୱର ନାୟକ, ସମରେନ୍ଦ୍ର ନନ୍ଦ, ରବିନାରାୟଣ ମହାନ୍ତି, ସମସୀଦା ତାୟବ, ନିରୁପମା ଦାସ, ଉମାକାନ୍ତ ପଟ୍ଟନାୟକ, ଭବାନୀ ଶଙ୍କର ମହାପାତ୍ର, ଅମରଜ୍ୟୋତି ସିଂହଦେଓ, ରାଜୀବ ଲୋଚନ ସିଂହଦେଓ ଏବଂ ପିସିସି ପ୍ରତିନିଧିତ୍ୱ କରୁଥିବା ଜିଲା କଂଗ୍ରେସ ନିମନ୍ତେ ପଦାଧିକାରୀ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବରେ ପ୍ରେମ ଶଙ୍କର ମିଶ୍ର, ନିର୍ମଳ ମିଶ୍ର, ଜିଲା କଂଗ୍ରେସର ସମସ୍ତ ଛାମୁଆଁ ବିଭାଗର ମୁଖ୍ୟ, ପିସିସିରେ ଜିଲାକୁ ପ୍ରତିନିଧିତ୍ୱ କରୁଥିବା ଛାମୁଆଁ ବିଭାଗର ପ୍ରତିନିଧିଗଣ ଅନ୍ତର୍ଭୁକ୍ତ ଅଛନ୍ତି ବୋଲି ଜିଲା କଂଗ୍ରେସର ଗଣମାଧ୍ୟମ ଏବଂ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡାକ୍ତର ତୁଷାର କାନ୍ତି ନାୟକ ଗଣମାଧ୍ୟମକୁ ଜଣାଇଛନ୍ତି। ଜିଲା ସଭାପତି ସୁନୀଲ ଦାଶ ସମସ୍ତ ସଦସ୍ୟଗଣଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ନିର୍ବାଚନରେ ସମସ୍ତ ନେତୃଗଣଙ୍କ ସହଯୋଗ ତଥା ପ୍ରଚେଷ୍ଟାରେ ଢେଙ୍କାନାଳ ଲୋକ ସଭା ଏବଂ ୪ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବିଜୟକୁ ସୁନିଶ୍ଚିତ କରିବା ନିମନ୍ତେ ଆଶା ପୋଷଣ କରିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



କାମାକ୍ଷାନଗର,୧୩।୪(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଜନ୍ତାରିବୋଲ ଓଡିଶା ଆଦର୍ଶ ବିଦ୍ୟାଳୟର ୫ମ ବାର୍ଷିକ ଉତ୍ସବ 'ଏକ୍ଷୁଭାଗାଞ୍ଜୀ– ୨୦୨୪' ଶୁକ୍ରବାର ସାରଙ୍ଗଧର ଷ୍ଟାଡିୟମସ୍ଥିତ ଅଡିଟୋରିଅମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ଜୁଲି ଅଞ୍ଜଳୀ ବାଗ୍ରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ସାହୁ, ଶୁଶାନ୍ତ ସାହୁ, ମାନସୀ ସାହୁ ଅପରାଜିତା ପ୍ରଧାନ, ତୃପ୍ତିରଞ୍ଜନ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ ଅତିଥିଙ୍କୁ ନିମନ୍ତ୍ରିତ କରାଯାଇଥିବାବେଳେ ସେମାନଙ୍କ ନାମ ନିମନ୍ତ୍ରଣ ପତ୍ରରେ ଛପା ଯାଇ ଅଭିଭାବକ ତଥା ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ବଣ୍ଟା ଯାଇଥିଲା। ମାତ୍ର ଛାତ୍ରୀଛାତ୍ର ଓ ଅଭିଭାବକ ଦିନ ତମାମ ଅପେକ୍ଷାରେ ଥିବାବେଳେ କୌଣସି ଅତିଥି ନ ଆସିବାରୁ ବିଭିନ୍ନ ମହଲରେ ନୈରାଶ୍ୟ ଭାବ ଦେଖାଯାଇଥିଲା।

# ବିଦ୍ୟୁତ୍ ତାର ଦ୍ୱାରା ମାଛମରା ଅଭିଯୋଗ

ବଇଣ୍ଡା,୧୩।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅରଖକୁଦ ଗ୍ରାମର ବଙ୍କା ଘାଇ ବନ୍ଧରୁ ବିଦ୍ୟୁତ୍ ତାର ଦ୍ୱାରା ସେହି ଗ୍ରାମର ନରୋତ୍ତମ ଭୋଇ, ପବିତ୍ର ଦେହୁରୀ, ପଞ୍ଚୁ ପ୍ରଧାନ ମିଶି ବେଆଇନ ଭାବେ ମାଛ ମାରୁଥିବା ଶୁକ୍ରବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୮୮/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଉକ୍ତ ବନ୍ଧରେ ଗ୍ରାମ୍ୟ କମିଟି ପକ୍ଷରୁ ମାଛ ଛଡା ଯାଇଥିବାବେଳେ ସମ୍ପୃକ୍ତ ୩ ଜଣ ବନ୍ଧରେ ବିଦ୍ୟୁତ୍ କରେଣ୍ଟ ସାହାଯ୍ୟରେ ମାଛ ମାରୁଛନ୍ତି। ଏହା ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାବେଳେ ବେଆଇନ ଭାବେ ମାଛ ମାରି ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି।

# ସାହିତ୍ୟ ପତ୍ରିକା ବିଭାବନାର ବିଷୁବ ସଂଖ୍ୟା ଉନ୍ମୋଚିତ


ସାହିତ୍ୟ ପତ୍ରିକା ବିଭାବନାର ବିଷୁବ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ,୧୩।୪(ରତନ ନାୟାର)

ଢେଙ୍କାନାଳ ରେଣୁବାଳା ସ୍ମୃତି ସଂସଦ ଓ ବିଭାବନା ପକ୍ଷରୁ ଶନିବାର ସ୍ଥାନୀୟ ଲେଖକ ଭବନଠାରେ ସୃଜନଶୀଳ ସାହିତ୍ୟ ପତ୍ରିକା ବିଭାବନାର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ମମତା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ଓ ସୁରେନ୍ଦ୍ର କୁମାର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଣୁବାଳା ସ୍ମୃତି ସଂସଦ ସଭାପତି ତଥା ବିଭାବନାର ମୁଖ୍ୟ ସମ୍ପାଦିକା ସଂଯୁକ୍ତା ମିଶ୍ର, ମୁଖ୍ୟ ଅତିଥି ଏବଂ ସ୍ତମ୍ଭକାର ଡ. ପ୍ରଫୁଲ୍ଲ କୁମାର ପାଣି, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଓ ଡ. ପ୍ରମୋଦ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ପତ୍ରପତ୍ରିକାର ସମାଜପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ବିଭାବନା ସାହିତ୍ୟ ପତ୍ରିକାର ବିଷୁବ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅଖିଳ କୁମାର ପୃଷ୍ଟିଙ୍କୁ ବିଭାବନା ସାରସ୍ୱତ ସମ୍ମାନ, ହେମନ୍ତ କୁମାର ମହାରଣାଙ୍କୁ କବିତା ସମ୍ମାନ ଓ ସସ୍ମିତା ଦାଶଙ୍କୁ ରେଣୁବାଳା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାଥମିକ ଅଧିବେଶନରେ କବି ବସନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସିକୁନ ଜେନା, ନିବେଦିତା ରଥ ଓ ରଶ୍ମିତା ରାଉତଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୦ଜଣ କବି କବିତା ପାଠ କରିଥିଲେ। ବୈକୁଣ୍ଠନାଥ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ଲୁଟ୍ ଘଟଣା ଉପରୁ ପରଦା ହଟାଇଲା ପୋଲିସ

## ଜଣେ ଗିରଫ, ୪୨ ହଜାର ଟଙ୍କା ଜବତ

କାମାକ୍ଷାନଗର,୧୩।୪(ସୁଧୀର କୁମାର ପରିଡା)

କଙ୍କଡ଼ାହାଡ଼ ଥାନା କୀର୍ତ୍ତନପୁର ନାଳ ନିକଟରେ ଗତ ୩ ତାରିଖରେ ଆଇସିଆଇସିଆଇ ଫାଉଣ୍ଡେଶନ କର୍ମଚାରୀ ପ୍ରଭଞ୍ଜନ ସାହୁଙ୍କଠାରୁ ହୋଇଥିବା ଲୁଟ୍ ମାମଲାରେ ପୋଲିସ ଶୁକ୍ରବାର ନିଶା ଥାନା ଗୋପୀନାଥପୁର ଗ୍ରାମର ପ୍ରଶାନ୍ତ ନାଏକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ବନ୍ଧୁକ, ଭୁଜାଲି ଓ ୪୨ ହଜାର ଟଙ୍କା ଜବତ କରାଯାଇଛି। ଅନ୍ୟ ୨ ଅଭିଯୁକ୍ତ କ୍ଷୀରୋଦ ନାଏକ ଓ ଜିନ୍ଦଲ ନାଏକ ଫେରାର ଥିବା ପୋଲିସ ସୂଚନା ଦେଇଛି।



ପୋଲିସ କହିଛି, ପ୍ରଭଞ୍ଜନ ମା' ମଙ୍ଗଳା ସ୍ୱୟଂସହାୟକ ଗୋଷ୍ଠୀକୁ ନେଇ ଗଡ଼ପଳାଶୁଣି ଷ୍ଟେଟ୍‌ବ୍ୟାଙ୍କଠାରୁ ୨ଲକ୍ଷ ୨ ହଜାର ଟଙ୍କା ଉଠାଇ ଥିଲେ। ଟଙ୍କା ଉଠାଇ ସାରିଲା ପରେ କଙ୍କଡାହାଡ଼ ଫେରୁଥିବା ସମୟରେ ୩ ଜଣ ଦୁର୍ବୃତ୍ତ ମାରଣାତ୍ମକ ଆକ୍ରମଣ କରି ଟଙ୍କା ଲୁଟି ନେଇଥିବା କଙ୍କଡାହାଡ଼ ଥାନାରେ ଅଭିଯୋଗ ହୋଇଥିଲା। କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳଗଠନ ହୋଇଥିଲା। ଶୁକ୍ରବାର ରାତିରେ ଏସ୍‌ଡିପିଓ ସ୍ନେହାଶିଷ ସାହୁ, କଙ୍କଡାହାଡ଼ ଥାନା ଅଧିକାରୀ କଳ୍ପନା ବେହେରାଙ୍କ ନେତୃତ୍ୱରେ ଚଢାଉ କରାଯାଇ ପ୍ରଶାନ୍ତଙ୍କୁ ଗିରଫ କରାଯାଇଥିଲା। ଲୁଟ୍ ହୋଇଥିବା ୨ ଲକ୍ଷ ୨ ହଜାର ଟଙ୍କାରୁ ପ୍ରଶାନ୍ତ ୫୦ ହଜାର, ଜିନ୍ଦଲ ୫୦ ହଜାର ଓ କ୍ଷୀରୋଦ ୧ ଲକ୍ଷ ୨ ହଜାର ଟଙ୍କା ଭାଗ କରି ନେଇଥିବା ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ କଙ୍କଡ଼ାହାଡ଼ ଥାନା ଅଧିକାରୀ କହିଛନ୍ତି, ଅନ୍ୟ ୨ ଦୁର୍ବୃତ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ହୃଦ୍‌ଘାତରେ ଯୁବ ବ୍ୟବସାୟୀଙ୍କ ବିୟୋଗ

ଭୁବନ,୧୩।୪(ବିପିନ ବିହାରୀ ସେଠୀ)

ଭୁବନ ଏନ୍‌ଏସି ୯ ନଂ. ୱାର୍ଡ ଦୁର୍ଗାଛକର ଯୁବ ବ୍ୟବସାୟୀ ପ୍ରଦୀପ୍ତ କୁମାର ସାହୁ (୫୭)ଙ୍କ ଶନିବାର ହୃଦ୍‌ଘାତରେ ବିୟୋଗ ହୋଇଯାଇଛି। ସେ କାଳୀବଜାର ରେନୋ ହୋଟେଲ ମାଲିକ।



ଦୀର୍ଘଦିନ ହେବ ସେ ହୃଦ୍‌ରୋଗରେ ପୀଡିତ ଥିଲେ। ସକାଳେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ଭୁବନ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବାପା, ଭାଇ, ସ୍ତ୍ରୀ ଓ ପିଲାମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କାଳୀବଜାର ବଣିକ ସଂଘ ପକ୍ଷରୁ ଶୋକ କରାଯିବା ସହିତ ଦୋକାନ ବଜାର ବନ୍ଦ ରହିଥିଲା। ସନ୍ଧ୍ୟାରେ ମୃତଦେହ ସହର ପରିକ୍ରମା ପରେ ବାଟତାରୀଣି ଛକ ନିକଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଇନ୍ଦିପୁରରେ ଧୂଳିଦଣ୍ଡ, ମେରୁଯାତ୍ରା ସମାପନ

ଢେଙ୍କାନାଳ,୧୩।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର କାମନାକାଳୀକା ମନ୍ଦିରରେ ୧୩ଦିନ ଧରି ଚାଲିଥିବା ଧୂଳିଦଣ୍ଡ ଓ ମେରୁଯାତ୍ରା ଶନିବାର ସମାପନ ହୋଇଛି। ୧୫୯ ବର୍ଷର ସୁନାଦଣ୍ଡ ବାହାରିବାକୁ ନେଇ ମାନସିକଧାରୀ ଭକ୍ତ, ଦଣ୍ଡୁଆ ଓ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦଉଲ୍ଲାସ ପ୍ରକାଶ ପାଇଥିଲା। ଏହି ମେରୁଯାତ୍ରା ଦିନ ମାନସିକଧାରୀ ପିଲାଙ୍କ ମୁଣ୍ଡନ କରାଯାଇଥିଲା। ଏହି ଅବସରରେ ମନ୍ଦିରରେ ଖୁବ ଭିଡ ଦେଖିବାକୁ ମିଳିଥିଲା। ମଧ୍ୟାହ୍ନ ୨ଟାରେ ଦଣ୍ଡୁଆମାନେ କୁଇଲେଖା କଣ୍ଟାରେ ଗଡ଼ିଗଡ଼ି ନିଜ ନିଷ୍ଠାବ୍ରତ ସାଧନାର ସହ ପରୀକ୍ଷା ଦେଇଥିଲେ। ଏହାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ନାନପରେ କାଳିସୀ ମନ୍ଦିର ସମ୍ମୁଖରେ ଓ ଘର ତପ ଆସନରେ ଝୁଲି


ଇନ୍ଦିପୁରରେ ମେରୁ ଯାତ୍ରା ଅବସରରେ ଦଣ୍ଡୁଆମାନେ କୁଇଲେଖା କଣ୍ଟାରେ ଗଡୁଛନ୍ତି।

ଚାରୁ ବଣ୍ଟନ କରିଥିଲେ। ବୈଜ୍ଞାନିକ ଯୁଗରେ ମଧ୍ୟ ନବବଧୂଙ୍କୁ ପ୍ରେତ ସବାର ହେବା ଆଲୋଚନା ହୋଇଥିଲା। କାଳିସୀ ପ୍ରେତାତ୍ମାର ପରିଚୟ ଓ ଇଚ୍ଛା ଜାଣି ତାଙ୍କୁ ପଣା, ଝୁଣା ଦେଇ ବିଦାୟ ଦେଇଥିଲେ। ଦଣ୍ଡୁଆମାନେ ବ୍ରତ ଉଦ୍ଧାରୀ ଶୁଦ୍ଧସ୍ନାନ କରି ଝାମୁଯାତ୍ରା ଦେଖି ଘରକୁ ଫେରିବେ। ଇନ୍ଦିପୁର ସୁନାଦଣ୍ଡ କମିଟି ସଭାପତି ପଦ୍ମନାଭ ସାହୁ, ଉପସଭାପତି ବସନ୍ତ ପୃଷ୍ଟି, ସମ୍ପାଦକ ଭୀମସେନ ସାହୁ, ସହ ସମ୍ପାଦକ ଗୁଣନିଧି ସେଠୀ, କାଳିସୀ ଗୌରହରି ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

